# ଭାରତମାତାର କୁଳାଙ୍ଗାର ସନ୍ତାନମାନେ

## ଜାତୀୟ ଲଜ୍ଜା

ପ୍ରତି ଦେଶ, ଧର୍ମ ଓ ମତବାଦ ଭିତରେ ଏଭଳି କେତେକ ବ୍ୟକ୍ତି ଓ ଗୋଷ୍ଠୀ ଥାଆନ୍ତି, ଯେଉଁମାନେ କି ନିଜର ସଂକୀର୍ଣ୍ଣ, ଏପରିକି ପାଶବିକ ସ୍ୱାର୍ଥସିଦ୍ଧି ପାଇଁ ସେହି ଦେଶ, ଧର୍ମ ଓ ମତବାଦର ଦ୍ୱାହି ଦେବାକୁ ପଛାଇନଥାନ୍ତି । କିନ୍ତୁ ଏହାର ପରିଣାମ ସ୍ୱରୂପ, ସାମୟିକ ଭାବେ ହେଲେ ବି, କିଛି କାଳ ପାଇଁ ସେହି ଦେଶ, ଧର୍ମ ଓ ମତବାଦ ସମଗ୍ର ବିଶ୍ୱର ଜନମାନସ ସମ୍ମୁଖରେ ଅପନିନ୍ଦିତ ହୋଇଥାଏ ଏବଂ ଏହାର ସାଧାରଣ ଅନୁସାରୀମାନଙ୍କୁ ଅକାରଣରେ ନାନାଦି ଅପଯଶ ଓ ଏପରିକି ଭର୍ତ୍ସନାର ସମ୍ମୁଖୀନ ହେବାକୁ ପଡିଥାଏ । ବର୍ତ୍ତମାନ କନ୍ଧମାଳ ପରିସ୍ଥିତିକୁ କେନ୍ଦ୍ର କରି ଠିକ୍ ଏହିଭଳି ଏକ ଅଭାବନୀୟ ପରିସ୍ଥିତିକୁ ସାମନା କରିବାକୁ ପଡୁଛି ଜଣେ ସାଧାରଣ ଭାରତୀୟଙ୍କୁ, ଉଭୟ ଦେଶ ଭିତରେ ଏବଂ ଦେଶ ବାହାରେ । ଯେପର୍ଯ୍ୟନ୍ତ ଆମେ ଭାରତର ବ୍ୟାପକ ଜନସମାଜ ସମ୍ମିଳିତ କଣ୍ଠସ୍ୱରରେ ସେହି ପାଷାଣ୍ଡମାନଙ୍କୁ ନିନ୍ଦା କରିନାହୁଁ, ଯେଉଁମାନେ କି 'ଭାରତମାତା' ଏବଂ 'ହିନ୍ଦୁଧର୍ମ'ର ଧ୍ୱନି ଦେଇ ମହିଳାମାନଙ୍କୁ ଧର୍ଷଣ କରିଛନ୍ତି, ଜଳନ୍ତା ନିଆଁରେ ପୋଡି ଦେଇଛନ୍ତି, ପିତା-ପ୍ରତିମ ଜଣେ ବରିଷ୍ଠ ଧର୍ମଜ୍ଞାନୀ ନାଗରିକଙ୍କୁ ରାଜରାସ୍ତାରେ ବେଜିତ୍ କରିଛନ୍ତି, ଜଣେ ଯୁବକକୁ ଜୀଅନ୍ତା ସମାଧି ଦେଇଛନ୍ତି, ସ୍ତ୍ରୀ-ପୁରୁଷ-ବାଳୁତ ନିର୍ବିଶେଷରେ ନିରସ୍ତ୍ର ବ୍ୟକ୍ତିମାନଙ୍କୁ ହତ୍ୟା କରିଛନ୍ତି, ହଜାରହଜାର ଘର ଏବଂ ପ୍ରାର୍ଥନାଗୃହକୁ ଜଳାଇଦେଇଛନ୍ତି ତଥା ସେମାନଙ୍କ ମୂଲ୍ୟବାନ ସାମଗ୍ରୀ ଏବଂ ପଶୁସମ୍ପଦକୁ ଲୁଟ୍ କରିଛନ୍ତି, ସେପର୍ଯ୍ୟନ୍ତ ନୈତିକ ଦୃଷ୍ଟିକୋଣରୁ ଆମେ ନିଜକୁ ଭାରତମାତାର ସନ୍ତାନ କହିବା କିମ୍ବା 'ସାରା ଜହାଁସେ ଅଛା ହିନ୍ଦୁସ୍ତ ହମାରା' ବୋଲିବା ପାଇଁ ସୁଯୋଗ୍ୟ ବୋଲି ମନେ କରି ପାରିବା କି ? କିଛିଦିନ ପୂର୍ବେ ଯେତେବେଳେ ପ୍ରଧାନମନ୍ତ୍ରୀ ଡକ୍ଟର୍ ମନମୋହନ ସିଂହଙ୍କୁ ୟୁରୋପିଆନ୍ ୟୁନିଅନ୍‌ର ରାଷ୍ଟ୍ରମୁଖ୍ୟମାନେ ପ୍ୟାରିସ୍‌ରେ ଭେଟି କନ୍ଧମାଳରେ ଜଣେ ଖ୍ରୀଷ୍ଟିଆନ୍ ମହିଳାଙ୍କୁ ଖୋଲାଖୋଲି ବଳାତ୍କାର କରାଯିବା ଏବଂ ପୋଲିସ୍ ଏହା ଜାଣି ସୁଦ୍ଧା ନିଷ୍କ୍ରୀୟ ରହିଥିବା ଘଟଣା ପଚାରିଲେ, ସେତେବେଳେ ସେ କେବଳ ଦୁଇଟି ଶବ୍ଦ 'ଜାତୀୟ ଲଜ୍ଜା' କହି ନିଜର ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ । କିନ୍ତୁ ବଡ କ୍ଷୋଭର କଥା, ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ମତ-ଅଭିମତକୁ ଲକ୍ଷ୍ୟ କଲେ ଜଣାପଡୁଛି, ଯେପରିକି ଅନେକ ଭାରତୀୟଙ୍କ ମତରେ ପ୍ରଧାନମନ୍ତ୍ରୀଙ୍କର ଏହି ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ଏବଂ କୂଟନୈତିକ ପ୍ରତିକ୍ରିୟା ଥିଲା ଏବଂ ଯାହା ଘଟିଯାଇଛି, ତାହା 'ଜାତୀୟ ଲଜ୍ଜା' ପଦବାଚ୍ୟ ନୁହେଁ ଏବଂ ଘଟଣାକ୍ରମରେ ଭାରତରେ ଏଭଳି ଘଟିଥାଏ ଏବଂ ଘଟିବା ସ୍ୱାଭାବିକ ମଧ୍ୟ । କିନ୍ତୁ ଏପ୍ରକାର ବିପଜ୍ଜନକ ଚିନ୍ତାଧାରା, ଯାହାଦ୍ୱାରା କି ସମ୍ବିଧାନରେ ସ୍ୱୀକୃତ ଭାରତୀୟ ରାଷ୍ଟ୍ରର ଧର୍ମ-ନିରପେକ୍ଷ ଏବଂ ଗଣତାନ୍ତ୍ରିକ ଶାସନ-ଢାଞ୍ଚା ଏକ ଶକ୍ତ ଧକ୍‌କା ପାଇଛି ଓ ପାଇଚାଲିଛି, ତାହା ଏହି ମୂଢମତି ବ୍ୟକ୍ତିମାନେ ବୁଝିବେ କେଉଁଠୁ ?

## କୁଳାଙ୍ଗାର କେଉଁମାନେ

ଆମେ ଜାଣିଛେ, ଦୁର୍ଯ୍ୟୋଧନ, ଦୁଃଶାସନ ଇତ୍ୟାଦି ଶହେଜଣ କୌରବ ସନ୍ତାନ, ଯେଉଁମାନଙ୍କୁ ମଧ୍ୟ ଆର୍ଯ୍ୟପୁତ୍ର କୁହାଯାଉଥିଲା, ସେମାନେ ଭାରତ ବଂଶର କୁଳାଙ୍ଗାର ଥିଲେ, କାରଣ ସେମାନେ ଦ୍ରୌପଦୀଙ୍କୁ ମୁକ୍ତ ରାଜସଭାରେ ଉଲଗ୍ନ କରି ଧର୍ଷଣ କରିବାକୁ ଚାହିଁଥିଲେ । ସେହିପରି କୃଷ୍ଣଙ୍କର ଶହଶହ କୁଳାଙ୍ଗାର ପୁଅ ଥିଲେ, ଯେଉଁମାନେ ନାରୀ, ମୁନିଋଷି ଏବଂ ଗୁରୁଜନମାନଙ୍କୁ ବାଟଘାଟରେ ବେଜିତ୍ କରୁଥିଲେ । କୃଷ୍ଣ ଯେତେ ବୁଝାଇଲେ ବି ସେମାନେ ବାଟକୁ ଆସିଲେ ନାହିଁ, ଯେଉଁଥି ପାଇଁ ସେମାନଙ୍କ ଭିତରୁ ପୁଅ ଶାମ୍ବକୁ ସେ ଅଭିଶାପ ଦେଇଥିଲେ କୁଷ୍ଠରୋଗ ଭୋଗିବା ପାଇଁ ଏବଂ ତାଙ୍କରି ଅଭିଶାପ କ୍ରମେ ବାକୀ ପୁଅମାନେ ନିଜଭିତରେ ମରାମରି ହୋଇ ସବାଶେଷକୁ ସମଗ୍ର ଯଦୁବଂଶର ବିନାଶ ଘଟାଇଲେ । ସେମିତି ଆମେ ଜାଣିଛୁ, ସ୍ୱର୍ଗପୁରର ରାଜା ଇନ୍ଦ୍ର ଆଉଜଣେ କୁଳାଙ୍ଗାର ଥିଲେ, ଯେ କି ଗୁରୁପତ୍ନୀଙ୍କୁ ଧର୍ଷଣ କରିବାର ଅପରାଧ ଯୋଗୁଁ ସର୍ବାଙ୍ଗ ଶରୀରରେ ସହସ୍ର-ଯୋନି ଧାରଣ କରିବାର ଅଭିଶାପ ପାଇଥିଲେ । ହିନ୍ଦୁଶାସ୍ତ୍ରରେ ଜଣେ ଅଜାଣତରେ ଅପରାଧ କଲେ ମଧ୍ୟ ଅଭିଶପ୍ତ ହୋଇଥାଏ, ଯେପରିକି ରାଜା ଦଶରଥ ପଶୁ ଶୀକାର କରିବାକୁ ଯାଇ ଭୁଲ୍ କ୍ରମେ ଗୋଟିଏ ଋଷିକୁମାରକୁ ବାଣବିଦ୍ଧ କରିଥିଲେ ଏବଂ ଋଷି ଅଭିଶାପ ଦେଇଥିଲେ ଯେ, ସେ ଯେପରି ଅକାରଣରେ ପୁତ୍ରହରା ହେଲେ, ସେପରି ରାଜା ଦଶରଥ ନିଜେ ମଲାବେଳେ ତାଙ୍କ ବଡପୁଅ ରାମଚନ୍ଦ୍ରଙ୍କୁ ଦେଖିପାରିବେ ନାହିଁ, ଏବଂ ତାହା ହିଁ ଘଟିଥିଲା । ହିନ୍ଦୁଶାସ୍ତ୍ରରେ ଏହିଭଳି ଅନେକ ପାପାଚାର ଏବଂ ପ୍ରତି ପାପାଚାର ପାଇଁ ଶାସ୍ତିବିଧାନର ବ୍ୟବସ୍ଥା ରହିଛି । କିନ୍ତୁ ନିକଟରେ ଆମେ ଦେଖିଲେ, ନିଜକୁ ହିନ୍ଦୁଧର୍ମର ମୁଣ୍ଡିଆଳ କହୁଥିବା କିଛି ବ୍ୟକ୍ତି ଓ ଗୋଷ୍ଠୀ କନ୍ଧମାଳ ଓ ଆଖପାଖ ଜିଲ୍ଲାରେ ଯେଉଁସବୁ କୁତ୍ସିତ ଓ ନାରକୀୟ କାଣ୍ଡମାନ ଘଟାଇଲେ, ତାହାର ନିନ୍ଦାବାଦ ସାଧାରଣ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରୁ ଯେମିତି ତୀବ୍ର ଓ ଶାଣିତ ଭାଷାରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରକାଶ ପାଇବା କଥା, ତାହା ଘଟିଲା ନାହିଁ କିମ୍ବା ଏବେବି ଘଟୁନାହିଁ । ଆମେ କ'ଣ ଜାଣିନେ, ଗତ ଅଗଷ୍ଟ ୨୫ ତାରିଖରେ ଗୋଟିଏ ଦୁର୍ବୃତ୍ତ ଗୋଷ୍ଠୀ 'ସ୍ୱାମିଜୀ କି ଜୟ', 'ଭାରତମାତା କି ଜୟ' ଏବଂ 'ହିନ୍ଦୁ-ହିନ୍ଦୁ ଭାଇଭାଇ' ବୋଲି ଧ୍ୱନି ଦେଇ ପଦ୍ମପୁର ଠାରେ ଗୋଟିଏ ଅନାଥାଶ୍ରମର ମହିଳା କର୍ମଚାରୀ ରଜନୀ ମାଝିଙ୍କୁ ଜଳନ୍ତା ନିଆଁରେ ପକାଇ ମାରିଦେଲେ ? ଆମେ କ'ଣ ଜାଣିନେ, ସେହି ତାରିଖରେ କନ୍ଧମାଳର ନୂଆଗାଁ ଠାରେ ୪୦/୫୦ଜଣ ଦୁର୍ବୃତ୍ତ 'ଭାରତ ମାତା କି ଜୟ' ଧ୍ୱନି ଦେଇ ଦୁଃଶାସନୀ କାଇଦାରେ ଜଣେ ଆଦିବାସୀ ଯୁବତୀ ଭଗ୍ନୀ ମୀନାଙ୍କୁ ତାଙ୍କ ଚୁଟି ଧରି ଘର ଭିତରୁ ଟାଣି ଆଣିଲେ ଏବଂ ତାଙ୍କ ଦୁଇହାତ ଉପରେ ଦୁଇଜଣ ଗୋଡ ରଖି ତଥା ତାଙ୍କର ଅନ୍ତର୍ବାସକୁ ଚିରି ବଳାତ୍କାର କଲେ ଏବଂ ତାଙ୍କୁ ଅର୍ଦ୍ଧ-ଉଲଗ୍ନ ଅବସ୍ଥାରେ ରାଜରାସ୍ତାରେ ମାରଧର କରି ଏବଂ ଯୋଡହସ୍ତ କରାଇ ଚଲାଇ ଆଣିଲେ ? ଆମେ କ'ଣ ଜାଣିନେ, ସେହି ଦୁର୍ବୃତ୍ତ ଗୋଷ୍ଠୀ ନିଜ ପିତା ବୟସର ଜଣେ ଧର୍ମଜ୍ଞ ନାଗରିକଙ୍କୁ ରାଜରାସ୍ତା ଉପରେ ଆଣ୍ଠୋଇବାକୁ ବାଧ୍ୟ କରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରଧର କଲେ ? କେଉଁ ହିନ୍ଦୁଶାସ୍ତ୍ରରେ ଏପ୍ରକାର ବର୍ବରତା ଘଟାଇବା ପାଇଁ ଅନୁମତି ଦିଆଯାଇଛି ? ବରଂ ଏହି ଲେଖକ ଆଦି ଶଙ୍କରାଚାର୍ଯ୍ୟଙ୍କ ଲେଖାରୁ ପଢିଛି, ସେ ସବୁବେଳେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ବୌଦ୍ଧ ସନ୍ୟାସୀଙ୍କ ପ୍ରତି ବାଟଘାଟରେ ସମ୍ମାନ ଦେଖାଇବା ଏବଂ କେବଳ ତର୍କଯୁଦ୍ଧରେ ପରାସ୍ତ କରିବା ପାଇଁ ନିଜର ଶିଷ୍ୟମାନଙ୍କୁ ପରାମର୍ଶ ଦେଉଥିଲେ । କିନ୍ତୁ ବଡ ବିସ୍ମୟର କଥା, ଏହିସବୁ ଅଘଟଣମାନ ଘଟୁଥିବା ବେଳେ ପୁରୀର ଗଜପତି ମହାରାଜ କିଛି ନବୁଝିନଶୁଝି 'ଓଧ ସହ ଭୂଆଁ ବିରାଡି ବାଇ' ଭଳି ଉକ୍ତ ଦୁର୍ବୃତ୍ତଗୋଷ୍ଠୀଙ୍କୁ ଘଣ୍ଟ ଘୋଡାଉଥିବା ଭଣ୍ଡ ଓ ଭାଣ୍ଡ ହିନ୍ଦୁତ୍ୱବାଦୀମାନଙ୍କ ଗହଣରେ ନିଜେ ବସିପଡିଲେ । ହିନ୍ଦୁତ୍ୱର ଧ୍ୱନି ଦିଆଯାଇ ରଜନୀ ମାଝିଙ୍କୁ ଯେପରି ପୋଡି ଦିଆଗଲା ଏବଂ ଭଗ୍ନୀ ମୀନା ଏବଂ ପିତା ଚେଲାନ୍‌ଙ୍କ ପ୍ରତି ଯେଉଁ ପାଶବିକତା କରାଗଲା, ଗଜପତି ମହାରାଜ ଏହାକୁ ମୁକ୍ତକଣ୍ଠରେ ନିନ୍ଦାବାଦ କରିବା ଦରକାର, ନଚେତ୍ ବୁଝିବାକୁ ହେବ, ସେ ମଧ୍ୟ ହିନ୍ଦୁଶାସ୍ତ୍ରର ବିନ୍ଦୁବିସର୍ଗ ବୁଝିନାହାନ୍ତି ।

## ମିଥ୍ୟାବାଦୀ ଓ କାପୁରୁଷ

ଓଡିଶା ପୋଲିସ୍‌ର ଉଭୟ ତଦାନୀନ୍ତନ ଏବଂ ବର୍ତ୍ତମାନର ମହାନିର୍ଦ୍ଦେଶକ ତଥା ଗୃହ ସଚିବ ନିଜେ କହିଆସୁଛନ୍ତି ଯେ, ଲକ୍ଷ୍ମଣାନନ୍ଦ ଏବଂ ତାଙ୍କର ଚାରି ସହଯୋଗୀଙ୍କ ହତ୍ୟା ମାଓବାଦୀମାନେ ଘଟାଇଛନ୍ତି ଏବଂ ମାଓବାଦୀମାନେ ମଧ୍ୟ ଏକାଧିକ ବାର ନିଜେ ଏହା ସ୍ୱୀକାର କରିସାରିଲେଣି । ଏହାସତ୍ତ୍ୱେ ହିନ୍ଦୁତ୍ୱବାଦୀମାନେ କହି ଚାଲିଛନ୍ତି ଯେ, ଖ୍ରୀଷ୍ଟୀୟାନ୍‌ମାନେ ଏଥିପାଇଁ ଦାୟୀ । ସେମାନେ ତିନି ତୁଣ୍ଡରେ ଛେଳି କୁକୁର କରିବା ନ୍ୟାୟରେ ପ୍ରଥମେ ଫାଦର୍‌ମାନଙ୍କ ଦସ୍ତଖତ ଜାଲ୍ କରି ହିନ୍ଦୁ ଜାଗରଣ ମଞ୍ଚର ମୁଖପତ୍ରରେ ଲକ୍ଷ୍ମଣାନନ୍ଦ ହତ୍ୟା ଷଡଯନ୍ତ୍ର ସମ୍ବନ୍ଧରେ ନିଜର ଏକ କପୋଳକଳ୍ପିତ କାହାଣୀ ଛାପି ବାଣ୍ଟିଲେ, କିନ୍ତୁ ସେମାନଙ୍କ ବିରୁଦ୍ଧରେ ସଂପୃକ୍ତ ଫାଦର୍‌ମାନଙ୍କ ତରଫରୁ ମାନହାନି ମୋକଦ୍ଦମା ଆରମ୍ଭ କରାଗଲା ପରେ ସେମାନେ ଭୟରେ ତୁନି ପଡିଛନ୍ତି । ଏହି ହିନ୍ଦୁତ୍ୱବାଦୀ ମାନଙ୍କର ବେଶୀ ଭୟ ମାଓବାଦୀଙ୍କ ପ୍ରତି, ଯେଉଁ କାରଣରୁ ମାଓବାଦୀମାନଙ୍କ ନାଁ ତୁଣ୍ଡରେ ଧରୁନାହାନ୍ତି । ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିବା ପଛରେ ମାଓବାଦୀମାନଙ୍କ ଯୁକ୍ତି ହେଲା, ଯେଉଁ ପ୍ରାଚୀନପନ୍ଥୀ ଜାତିଆଣ କୁସଂସ୍କାର ଏବଂ ବ୍ରାହ୍ମଣ୍ୟଧର୍ମ ଆପେ ଆପେ ସମାଜରୁ ଅପସରି ଯିବାକଥା, ତାକୁ ହିଁ ଲକ୍ଷ୍ମଣାନନ୍ଦ ପୁଣି ପ୍ରୋତ୍ସାହନ ଦେଉଥିଲେ ତଥା ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଘଟାଉଥିଲେ । ନିକଟ ଅତୀତରେ ଯୋଜନା କମିଶନ୍‌ଙ୍କ ଦ୍ୱାରା ମାଓବାଦୀଙ୍କ ଉପରେ ପ୍ରକାଶିତ ଏକ ଅଧ୍ୟୟନ ପଢିଲେ, ଜଣେ ବ୍ୟକ୍ତି ସହଜରେ ଜାଣି ପାରିବେ ଯେ, ମାଓବାଦୀମାନେ ଭୂସଂସ୍କାର, ବିସ୍ଥାପିତଙ୍କ ଅଧିକାର, ମହାଜନି କାରବାରର ଉଚ୍ଛେଦ, ଦଳିତମାନଙ୍କ ମାନବିକ ଅଧିକାର ଇତ୍ୟାଦି ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମକୁ ନିଜସ୍ୱ ଢଙ୍ଗରେ ସୁଦୂର ଅତୀତରୁ ଆଗେଇ ନେଇ ଚାଲିଛନ୍ତି । ଲକ୍ଷ୍ମଣାନନ୍ଦ ଧର୍ମର ଦ୍ୱାହି ଦେଇ ଗରୀବଲୋକଙ୍କ ଭିତରେ ବିଭେଦ ସୃଷ୍ଟି ତଥା ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ଅତ୍ୟାଚାର କରୁଥିବା କାରଣ ଦେଖାଇ ମାଓବାଦୀମାନେ ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ହତ୍ୟା କରିଛନ୍ତି ବୋଲି ଦାବୀ କରିଛନ୍ତି ଏବଂ ମାଓବାଦୀଙ୍କ କାର୍ଯ୍ୟ-ପରମ୍ପରା ଦୃଷ୍ଟିରୁ ଏହା ଅତ୍ୟନ୍ତ ସ୍ୱାଭାବିକ ଓ ବାସ୍ତବ ବୋଲି ମନେହୁଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ସମସ୍ତ ଖ୍ରୀଷ୍ଟିଆନ୍ ଗୋଷ୍ଠୀ ଲକ୍ଷ୍ମଣାନନ୍ଦ ହତ୍ୟା ପାଇଁ ଶୋକପ୍ରକାଶ କରିଛନ୍ତି ଓ ଏହାର ସି.ବି.ଆଇ. ତଦନ୍ତ ଦାବୀ କରିଛନ୍ତି । ଏପରି ସ୍ଥଳେ ହିନ୍ଦୁତ୍ୱବାଦୀମାନେ ଟାଣି ଓଟାରି ଖ୍ରୀଷ୍ଟିଆନ୍‌ମାନଙ୍କୁ ଏହି ହତ୍ୟା ପାଇଁ ଦାୟୀ କରିବା ଅଥଚ ସେହି ହତ୍ୟା କିମ୍ବା ସିଷ୍ଟର୍ ମୀନାଙ୍କ ଧର୍ଷଣର ସି.ବି.ଆଇ. ତଦନ୍ତକୁ ଲଗାତାର ବିରୋଧ କରିବା ଏକ ପ୍ରଚ୍ଛନ୍ନ ଦୁରଭିସନ୍ଧିକୁ ସୂଚାଉନାହିଁ କି ?

## କୁଳାଙ୍ଗାରମାନଙ୍କ ସହଯୋଗୀ

ଅନେକଙ୍କର ଧାରଣା, କନ୍ଧମାଳରେ କନ୍ଧ ଓ ପାଣଙ୍କ ଭିତରେ ଜମିଜମା ଓ ଚାକିରୀର ସୁଯୋଗକୁ କେନ୍ଦ୍ର କରି ଏହି ଦଙ୍ଗା ସଂଗଠିତ ହୋଇଛି । ଏହା ଦୁର୍ଭାଗ୍ୟଜନକ ଯେ, ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ମର୍ମରେ ଜାତୀୟ ସଂହତି ପରିଷଦରେ ନିଜର ବକ୍ତବ୍ୟ ରଖିଥିଲେ । କିନ୍ତୁ ଯଦି ସେ ଏକଥାରେ ବିଶ୍ୱାସ କରୁଥାଆନ୍ତି, ତେବେ ଏ ବିଷୟରେ ସରକାରଙ୍କ ତରଫରୁ ଶ୍ୱେତପତ୍ର କାହିଁକି ବାହାର କରୁନାହାନ୍ତି ? ଅସଲ ସତ୍ୟ ହେଉଛି, କନ୍ଧ ଓ ପାଣଙ୍କୁ ବାଦ୍ ଦେଇ ଏକ ତୃତୀୟ ଶକ୍ତି କନ୍ଧମାଳରେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି; ସେମାନେ ବାହାରୁ ଯାଇ କନ୍ଧମାଳରେ ଆସ୍ଥାନ ଜମାଇଥିବା ସବର୍ଣ୍ଣ ହିନ୍ଦୁ ଅନ୍ତର୍ଗତ ଏକ ବେପାରୀ ଦଳ, ଯେଉଁମାନଙ୍କ ସାଙ୍ଗିଆ ହେଉଛି, ପାତ୍ର, ସାହୁ, ଦଣ୍ଡପାଣି, ସେନାପତି, ପଟ୍ଟନାୟକ, ମହାପାତ୍ର, ପଣ୍ଡା ଇତ୍ୟାଦି ଏବଂ ଯେଉଁମାନେ ଫୁଲବାଣୀ ସହର ସମେତ ଅନ୍ୟସମସ୍ତ ଛୋଟବଡ ଜଣାଶୁଣା ଜାଗାମାନଙ୍କରେ କନ୍ଧମାନଙ୍କର ତଥା ସରକାରୀ ଜମି ହଡପ କରି ସେଠାରେ ମଦ ଦୋକାନ ଠାରୁ ଆରମ୍ଭ କରି ହଳଦୀ ଓ ଅଦା ବେପାର ମେଲେଇ ବସିଛନ୍ତି । ଯେହେତୁ ଖ୍ରୀଷ୍ଟିଆନ୍ ସଂଗଠନମାନେ ଅନ୍ୟ ଅଞ୍ଚଳ ଭଳି କନ୍ଧମାଳରେ ସେମାନଙ୍କର ସ୍ୱାଭାବିକ କାର୍ଯ୍ୟକ୍ରମ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜସେବା ଓ ଆଇନ୍ ସଚେତନତାର ପ୍ରସାର ଘଟାଇଚାଲିଲେ, ଉକ୍ତ ବେପାରୀ ଗୋଷ୍ଠୀ ବର୍ଦ୍ଧିତ ଜନସଚେତନତାରେ ଆତଙ୍କିତ ହୋଇ ହିନ୍ଦୁତ୍ୱବାଦୀ ଝଣ୍ଡା ଧରି ଆଦିବାସୀ କନ୍ଧମାନଙ୍କ କାନ୍ଧରେ ବନ୍ଧୁକ ରଖି ଖ୍ରୀଷ୍ଟିଆନ୍‌ମାନଙ୍କ ବିରୁଦ୍ଧରେ ଗୁଳି ଚଳାଇଲେ, ଯାହା ଫଳରେ କି ଶହଶହ ବର୍ଷ ଧରି କନ୍ଧ-ପାଣଙ୍କ ସଂପ୍ରୀତି ଉପରେ ଗଢିଉଠିଥିବା କୁଇସଂସ୍କୃତି ଶକ୍ତ ଧକ୍‌କା ଖାଇଛି । ଏହି ବହିରାଗତ ବ୍ୟବସାୟୀ ଗୋଷ୍ଠୀ ହିଁ ଲାଞ୍ଚମିଛ ବଳରେ ସ୍ଥାନୀୟ ଅଫିସର୍‌ମାନଙ୍କୁ ଧରି ସେମାନଙ୍କର ନ୍ୟସ୍ତସ୍ୱାର୍ଥ ସାଧନ କରିଆସିଛନ୍ତି । ସେମାନେ ହିଁ କନ୍ଧମାଳରେ ହିନ୍ଦୁତ୍ୱବାଦୀ ସଂସ୍ଥାମାନଙ୍କରେ ପଦପଦବୀ ମଣ୍ଡନ କରିଛନ୍ତି ଓ କନ୍ଧମାନଙ୍କୁ ମାଟାଡୋର୍, ମଟରସାଇକେଲ୍, ପେଟ୍ରୋଲ୍, କରୋସିନି, ବନ୍ଧୁକ ଓ ବୋମା ପ୍ରଭୃତି ମାରଣାସ୍ତ୍ର ଯୋଗାଇ ଦଙ୍ଗା ସଂଗଠିତ କରିଛନ୍ତି । ଆଦିବାସୀ କନ୍ଧମାନେ ଯେଉଁସବୁ କୁତ୍ସିତ କାର୍ଯ୍ୟ ସାଧାରଣତଃ କରିପାରନ୍ତି ନାହିଁ, ଯଥା ନାରୀକୁ ବଳାତ୍କାର ଓ ଧର୍ଷଣ ଏବଂ ଲୋକଙ୍କ ଘରୁ ଗହଣାଗାଣ୍ଠି ଏବଂ ଟଙ୍କାପଇସା ଚୋରି, ସେସବୁକୁ ଏହି ହିନ୍ଦୁତ୍ୱବାଦୀ ବେପାରୀ ଗୋଷ୍ଠୀ ବେଶ୍ ଧୂରନ୍ଧରତା ସହକାରେ କରିଥାଅନ୍ତି । କୁଳାଙ୍ଗାରମାନଙ୍କର ଆଉ ଏକ ସହଯୋଗୀ ଗୋଷ୍ଠୀ ଅଛନ୍ତି, ଯେଉଁମାନେ କି ଚାହାଁନ୍ତି କନ୍ଧମାଳରେ କନ୍ଧ ଓ ପାଣଙ୍କ ଭିତରେ ଦଙ୍ଗାଳିଆ ପରିସ୍ଥିତି ଲାଗିରହୁ ଓ ସେମାନେ ତହିଁର ସୁଯୋଗ ନେଇ ବହିରାଗତ ବେପାରୀଗୋଷ୍ଠୀଙ୍କ ଠାରୁ ବିଭିନ୍ନ ବାବଦରେ ଉତ୍କୋଚ ଏବଂ ସୁବିଧାସୁଯୋଗ ଲାଭ କରିଚାଲିବେ । ସେମାନେ ହେଉଛନ୍ତି, ବିଭିନ୍ନ ସରକାରୀ ଅଫିସ୍, ଥାନା ଓ ବ୍ୟାଙ୍କ୍ ଇତ୍ୟାଦିରେ ଅବସ୍ଥାପିତ ଅଧିକାରୀ ଓ କର୍ମଚାରୀମାନଙ୍କ ଭିତରେ ଥିବା ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ । ସେମାନେ ଦଙ୍ଗାବେଳେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦଙ୍ଗାକାରୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଛନ୍ତି ଏବଂ ବର୍ତ୍ତମାନ ହଜାର ହଜାର ଦଙ୍ଗା-ପୀଡିତଙ୍କ ପାଇଁ ଶରଣାର୍ଥୀ ଶିବିରକୁ ଆସୁଥିବା ଚାଉଳ, ଡାଲି, ମସିଣା, ବାଲ୍‌ଟି, ସାବୁନ୍, ତେଲ ଓ ଲୁଗାପଟା ଇତ୍ୟାଦି ରିଲିଫ୍ ସାମଗ୍ରୀକୁ ହଡପ୍ କରିଚାଲିଛନ୍ତି ।

## କୁଳାଙ୍ଗାରମାନଙ୍କୁ ସାମାଜିକ ବାସନ୍ଦ

ଏହି ଲେଖକ ବିଶ୍ୱାସ କରେ, କୌଣସି ସଂସ୍ଥାକୁ ବେଆଇନ୍ ଘୋଷଣା ଦ୍ୱାରା ବା ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେମାନଙ୍କୁ ମୂଳୋତ୍ପାଟନ କରିହେବନି, ଯଦିଓ ଏହିସବୁ ପଦକ୍ଷେପର ମଧ୍ୟ ଆବଶ୍ୟକତା ରହିଛି । ବର୍ତ୍ତମାନ ପରିସ୍ଥିତିରେ ଯେଉଁ ସାଧାରଣ ଲୋକେ ନିଜକୁ ଭାରତୀୟ ବୋଲି ଗର୍ବ କରନ୍ତି ଏବଂ ହିନ୍ଦୁଧର୍ମକୁ ଭଲ ପାଆନ୍ତି, ସେମାନେ ଯଦି ଚିହ୍ନି ପାରିବେ, 'ଭାରତମାତା' ଓ ହିନ୍ଦୁଧର୍ମର ଧ୍ୱନି ଦେଇ ଧର୍ଷଣ, ଗୃହଦାହ, ଲୁଟ୍‌ତରାଜ ଓ ଦଙ୍ଗାଫସାଦ କରୁଥିବା ଏହି ଜଘନ୍ୟ ଛଦ୍ମବେଶୀ ଗୋଷ୍ଠୀମାନେ କିଏ ଏବଂ ସେମାନଙ୍କୁ ସାମାଜିକ ବାସନ୍ଦ କରିପାରିବେ, ତେବେ ସମୟକ୍ରମେ ଭାରତମାତାର ଏହି କୁଳାଙ୍ଗାର ସନ୍ତାନମାନଙ୍କୁ ଏବଂ ସେମାନଙ୍କର ସହଯୋଗୀମାନଙ୍କୁ ଧାନରୁ ବାଲୁଙ୍ଗା ବାଛିବା ଭଳି ଅଲଗା କରିଦେଇହେବ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 31st Oct. 2008